# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



## ଏକ ବାଳିକା
## ଯେ ଦ୍ୱୀତୀୟଥର
## ବଞ୍ଚିଲା

ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଉପଯୋଜକ: Ruth Klassen
Alastair Paterson
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯାଇରସ ନାମରେ ଏକ ଯୀହୁଦି ଧର୍ମଗୁରୁ ଥିଲେ, ଯେ ପରମେଶ୍ୱରଙ୍କୁ ସେବା ଓ ପରମେଶ୍ୱରଙ୍କ ବାକ୍ୟ ଅନ୍ୟମାନଙ୍କୁ ଶିଖାଉଥିଲେ । ଏକ ସମୟରେ, ଏକ ଭୟଙ୍କର ସମସ୍ୟା ଯାଇରସଙ୍କ ଜୀବନରେ ଆସିଲା । ତାଙ୍କର ଏକ କନ୍ୟା ଥିଲା, ତାଙ୍କୁ ମାତ୍ର ବାର ବର୍ଷ ହୋଇଥିଲା । ସେ ରୋଗରେ ପିଡ଼ିତା ଥିଲେ ।  ହୋଇପାରେ କେହିମଧ୍ୟ ତାଙ୍କୁ ସାହାଯ୍ୟ କରିପାରିଲେ ନାହିଁ । ସେ ଏକ ଅନ୍ୟପ୍ରକାର ରୋଗରେ ଶିକାର ହୋଇଥିଲେ । ଯାଇରସ ଜାଣିଥିଲେ ଯେ ସେ ମରୁଅଛି ।



ସେ ହିଁ କେବଳ ଏକ ଲୋକ ଯାଇରସଙ୍କ କନ୍ୟାକୁ ସାହାଯ୍ୟ କରିପାରିବେ । ଯାଇରସ ଯୀଶୁଙ୍କୁ ଖୋଜି ନିଜ ଘରକୁ ଆଣିବାକୁ ବାହାରିଗଲେ । ସେ ଜାଣିଥିଲେ ଯେ ତାଙ୍କର ସେହି ଧର୍ମୀୟ ବନ୍ଧୁମାନେ ଯୀଶୁଙ୍କ ଅନୁମୋଦନ କରିବେ ନାହିଁ । କିନ୍ତୁ ଯାଇରସ ତାହାକୁ ଖାତିରି କରିଲେ ନାହିଁ ।



ସେ ଯଥାଶୀଘ୍ର ନିଜ କନ୍ୟାର ମୃତୁ ପୂର୍ବରୁ ଯୀଶୁଙ୍କ ସାହାଯ୍ୟ ନେବା ଆବଶ୍ୟକ ।



ଯାଇରସ ଭେଟିବା ସମୟରେ
ଅନେକ ଲୋକ ଯୀଶୁଙ୍କୁ ଘେରି
ରହିଥିଲେ । ସେ ଯୀଶୁଙ୍କ
ପାଦତଳେ ପ୍ରଣାମ କଲେ ।
ମୋହର ଛୋଟ ଝିଅ
ମୃତୁର ଶଯ୍ୟାରେ ପିଡ଼ିତା,
ସେହି ଦୁଃଖି ମନୁଷ୍ୟ
ଯୀଶୁଙ୍କୁ ପ୍ରାର୍ଥନା କଲେ ।
ଆପଣ ଆସି ତାହା
ଉପରେ ହସ୍ତ ଥୋଇବା
ହେଉନ୍ତୁ ଯେପରି ସେ ସୁସ୍ଥତା
ପାଏ ଏବଂ ସେ ବଞ୍ଚିବ ।



ଯୀଶୁ ଯାଇରସଙ୍କ ସହିତ ଗଲେ, ମାତ୍ର
ଲୋକମାନଙ୍କ ଅତ୍ୟଧିକ ଭିଡ଼ ସକାଶୁଁ
ସେମାନେ ଶିଘ୍ର ସେଠାରୁ ବାହାରିଯାଇ
ପାରିଲେ ନାହିଁ । ଏକ ସ୍ତ୍ରୀ ଯେ ଲମ୍ବା ସମୟ
ବାରବର୍ଷ ପର୍ଯ୍ୟନ୍ତ ବିମାର ଥିଲେ । ସେ ସମସ୍ତ
ପ୍ରକାର ଡାକ୍ତର ମାନଙ୍କୁ ଦେଖା କରି ବହୁ
ସଂପତ୍ତି ନଷ୍ଟ କଲେ । ତଥାପି ସେ ନିଜ
ରୋଗରୁ ମୁକ୍ତ ହୋଇ ପାରିଲେ ନାହିଁ । ଓହ୍
ସେ କିପରି ଯୀଶୁଙ୍କୁ ଦାଖିବାକୁ ଚ଼ାହିଁଥିବେ ।



ଏବେ ସେ ସ୍ତ୍ରୀ କଅଣ କରିବେ? ଯଦି କେବଳ ତାହାର ଲୁଗାର ଝୁଂପା ଷ୍ପର୍ଶକଲେ ମୁଁ ସୁସ୍ଥତା ପାଇବି, ସେହି ସ୍ତ୍ରୀ ଚ଼ିନ୍ତା କଲେ । ସେ ଯୀଶୁଙ୍କ ଆଡ଼କୁ ନିଜ ପାଦ ବଢ଼ାଇଲା । ତାପରେ ନିଜ ହସ୍ତ ବଢ଼ାଇ ତାଙ୍କର ଲୁଗା ଛୁଇଁଲା ।



ଏକ ଆଶ୍ଚର୍ଯ୍ୟକର୍ମ, ଏହା ଏକ ଆଶ୍ଚର୍ଯ୍ୟକର୍ମ, ସେହି ସ୍ତ୍ରୀ ସୁସ୍ଥତା ପଇଲା । ସଂଙ୍ଗେ ସଂଙ୍ଗେ, ସଂପୂର୍ଣ୍ଣ ଭାବରେ, ସେ ଜାଣିପାରିଲା ଯେ ସେ ସୁସ୍ଥତା ପାଇସାରିଅଛି, ସବଳ ଅଟେ ।

ସେତେବେଳେ ଏକ ଶବ୍ଦ ଶୁଣାଗଲା । କିଏ ମୋତେ ସ୍ପର୍ଶ କଲା, ଯୀଶୁ ସେମାନଙ୍କୁ ପଚାରିଲେ, ଲୋକମାନଙ୍କ ମଧ୍ୟରୁ କେହି ତାଙ୍କୁ ସ୍ପର୍ଶ କରିଥିଲେ । ମାତ୍ର ଗହଳି ମଧ୍ୟରୁ ଏକ ସ୍ତ୍ରୀ ସେ ଜାଣିଥିଲା ଯେ ଯୀଶୁ ସେହି ବିଷୟରେ ତାଙ୍କ ମୁହଁରୁ ଶୁଣିବାକୁ ଚାହୁଁଛନ୍ତି । ଭୟରେ ଥରି ଥରି, ସେହି ସ୍ତ୍ରୀ ଯୀଶୁଙ୍କୁ ସମସ୍ତ ବିଷୟ ଜଣାଇଲେ ।

ସେହି ସମୟରେ, ଯାଇରସଙ୍କ ପରିବାରରୁ ଏକ ସେବକ ଆସିଲା । ସେମାନେ କହିବା ଆଗରୁ ସେ ବୋଧେହୁଏ ଦୁଃଖର ସମ୍ବାଦ ଜଣାଇଲେ । ତୁମ୍ଭର କନ୍ୟାର ମୃତ୍ୟୁ ହୋଇଯାଇଅଛି, ସେମାନେ ଯାଇରସଙ୍କୁ କହିଲେ । ମୃତ! ବହୁତ ଡେରି ହୋଇ ଯାଇଥିଲା । ଯଦି ସେହି ସ୍ତ୍ରୀ ଯୀଶୁଙ୍କୁ ବିଳମ୍ବ କରିନଥାନ୍ତେ...ହୋଇପାରେ.. ଯଦି...ମୃତ, ଯାଇରସଙ୍କର ଅତି ଆଦରର କନ୍ୟା ଚାଲିଯାଇଥିଲା ।



ଯେତେବେଳେ ଯୀଶୁ ସେହି
ବିଷୟରେ ଶୁଣିଲେ, ସେ କହିଲେ ।
ଭୟ କରନାହିଁ, କେବଳ ବିଶ୍ୱାସ
କର, ସେ ପୁନଶ୍ଚ ବଞ୍ଚିବ । ଏହା
ନିଶ୍ଚିତ ଭାବରେ ଯାଇରସଙ୍କୁ ଯୀଶୁଙ୍କୁ
ସତରେ ବିଶ୍ୱାସ କରିବାକୁ କଷ୍ଟ
ଲାଗିଥାଇପାରେ । କାରଣ ତାଙ୍କର
କନ୍ୟାର ମୃତ ହୋଇଥିଲା ।





ଗୃହ ଭିତରେ, କନ୍ୟାଟି ନିମନ୍ତେ ସମସ୍ତେ କୋଳାହଳ ଓ ରୋଦନ କରୁଥିଲେ । ସେ ମରିନାହିଁ ବରଂ ଶୋଇଅଛି, ଯୀଶୁ ସେମାନଙ୍କୁ କହିଲେ । ସେମାନେ ଯୀଶୁଙ୍କୁ ପରିହାସ କଲେ । କାରଣ ସେମାନେ ଜାଣିଥିଲେ କନ୍ୟାଟି ମରିଯାଇଅଛି ।

ଯୀଶୁ ସେ ସମସ୍ତଙ୍କୁ ବାହାର କରିଦେଲେ, ଏବଂ ଯୀଶୁ ସେହି କନ୍ୟାର ହସ୍ତକୁ ଧରି କହିଲେ, ଆଗୋ ବାଳିକା ଉଠ୍ । ଯାଇରସ ସେଠାରେ ଥିଲେ । ତାଙ୍କର ସ୍ତ୍ରୀ ସେଠାରେ ଥିଲେ । ତିନଜଣ ଯୀଶୁଙ୍କର ଶିଶ୍ୟ ମଧ୍ୟ ସେଠାରେ ଥିଲେ । ସେମାନେ ସମସ୍ତେ ଯୀଶୁଙ୍କ କହିବାର ଶୁଣିଲେ । ସେହି ମୃତ କନ୍ୟା ମଧ୍ୟ ତାହା ଶୁଣିପାରିଲା କି?



ସେହି ମୃତ କନ୍ୟା ଯୀଶୁଙ୍କ
ଆଜ୍ଞା ଶୁଣିଲେ, ତାହାର
ଆତ୍ମା ଫେରି ଆସିଲା, ଏବଂ
ସେ ସେହିକ୍ଷଣି ଉଠିଲା ।
ଯୀଶୁ ତହାଙ୍କୁ ମୃତୁରୁ
ଉଠାଇଲେ ।



ସେହି କନ୍ୟାର ପିତାମାତା ଆଚମ୍ବିତ ହୋଇଗଲେ । କିଛି ଖାଇବାକୁ ଦେବାକୁ ଯୀଶୁ ସେମାନଙ୍କୁ ଆଜ୍ଞା କଲେ । ସେମାନେ କେତେ ଖୁସି ଅନୁଭବ କରିଥିବେ ଓ ଯୀଶୁଙ୍କୁ ଧନ୍ୟବାଦ କରିଥିବେ । ତାଙ୍କର ଅଦ୍ଭୁତ ପ୍ରେମ ଓ ଶକ୍ତି ସେମାନଙ୍କର କନ୍ୟାଙ୍କୁ ମୃତୁରୁ ଫେରାଇ ଆଣିଲା ।



# ଏକ ବାଳିକା ଯେ ଦ୍ୱୀତୀୟଥର ବଞ୍ଚିଲା

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାର୍କ ୫, ଲୂକ ୮

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ
ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ ।
ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ,
ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ
ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ
ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ
ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ
କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ
କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ
ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି ।
ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬